# NATIONAL NEWS BULLETIN (ODIA)

## 21st July - 2024

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ।

— ଗୃହକାର୍ଯ୍ୟ ସୁପରିଚାଳନା ନିମନ୍ତେ ବିରୋଧୀ ଦଳଙ୍କ ସହଯୋଗ ଲୋଡ଼ିଲେ ସରକାର ।

- କେରଳରେ ନିପା ଭାଇରସ୍‌ରେ ସଂକ୍ରମିତ ୧୪ ବର୍ଷ ବାଳକର ମୃତ୍ୟୁ ସୂଚନା ।

— ଖୁବ୍ ଶୀଘ୍ର କେରଳ ଗସ୍ତ କରିବ ଏକ ବହୁସଦସ୍ୟ ବିଶିଷ୍ଟ ଟିମ୍ ।

- ନେପାଳ ସଂସଦରେ ଆସ୍ଥା ଭୋଟ୍‌ରେ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ବିଜୟୀ ।

- ସରକାରୀ ଚାକିରିରେ ବିବାଦୀୟ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କଲେ ବାଂଲାଦେଶ ସୁପ୍ରିମ୍‌କୋର୍ଟ ।

ଏବଂ

- ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ଆଜିର ମ୍ୟାଚ୍‌ରେ ୟୁ.ଏ.ଇ.କୁ ୭୮ ରନ୍‌ରେ ପରାସ୍ତ କଲା ଭାରତ ।

## ଅଲ୍ ପାର୍ଟି ମିଟ୍

ସଂସଦର ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ମୌସୁମୀ ଅଧିବେଶନ ପୂର୍ବରୁ ଆଜି ସରକାର ଉଭୟ ଗୃହରେ ସୁଚାରୁରୂପେ ଗୃହକାର୍ଯ୍ୟ ପରିଚାଳନା ନିମନ୍ତେ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି । ଏନେଇ ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସରକାର ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ସେ କହିଛନ୍ତି, ସଂସଦର ସୁଚାରୁରୂପେ ପରିଚାଳନା ଉଭୟ ସରକାର ଏବଂ ବିରୋଧୀ ଦଳର ଦାୟିତ୍ୱ । ଶ୍ରୀ ରିଜିଜୁ ସର୍ବଦଳୀୟ ବୈଠକରେ ଉତ୍ତମ ପ୍ରସ୍ତାବ ଦେଇଥିବାରୁ ଉପସ୍ଥିତ ନେତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅର୍ଜୁନରାମ ମେଘ୍ୱାଲ୍, ଜେ.ପି. ନଡ୍ଡା, ଚିରାଗ ପାଶ୍ୱାନ୍, ରାମଦାସ ଅଠାୱାଲେ, କଂଗ୍ରେସର ଜୟରାମ ରମେଶ ଏବଂ ଗୌରବ ଗୋଗୋଇ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ପ୍ରଫୁଲ୍ଲ ପଟେଲ୍, ଡି.ଏମ୍.କେ.ର ଟି.ଆର୍.ବାଲୁ ଏବଂ ତିରୁଚି ଶିବା, ଆମ୍ ଆଦ୍‌ମୀ ପାର୍ଟିର ସଞ୍ଜୟ ସିଂହ ଓ ଏ.ଆଇ.ଏମ୍.ଏମ୍.ଏ.ର ସାଂସଦ ଅସାଉଦ୍ଦିନ୍ ଓବେସୀ ଉପସ୍ଥିତ ଥିଲେ । ସଂସଦର ଏହି ଅଧିବେଶନ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଅଧିବେଶନ କାଳରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ସଂଶୋଧନ ବିଲ୍ ସମେତ ୬ଟି ନୂଆ ବିଧେୟକ ଆଗତ ହେବ । ଏଥିରେ ଅର୍ଥ ବିଧେୟକ ସମେତ ୧୯୩୪ ମସିହାର ବିମାନ ଅଧିନିୟମ ବଦଳରେ ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ବିଧେୟକ ଗୃହର ମଞ୍ଜୁରି ଲାଗି ଆଗତ କରାଯିବ । ଲୋକସଭା ସଚିବାଳୟ ଦ୍ୱାରା ଜାରି କରାଯାଇଥିବା ବୁଲେଟିନ୍‌ରେ ଆଗତ ହେବାକୁ ଥିବା ବିଧେୟକଗୁଡ଼ିକର ତାଲିକା ପ୍ରକାଶ ପାଇଛି । ଆସନ୍ତା ମଙ୍ଗଳବାର ଦିନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସାଧାରଣ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ।

## ୱାର୍ଲଡ୍ ହେରିଟେଜ୍ କମିଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ବିଶ୍ୱ ଐତିହ୍ୟ ସମିତିର ୪୬ତମ ଅଧିବେଶନକୁ ଆଜି ସନ୍ଧ୍ୟାରେ ଉଦ୍‌ଘାଟନ କରିବେ। ଭାରତ୍ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତ ପ୍ରଥମଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି । ଏହି ଅଧିବେଶନରେ ବିଶ୍ୱ ଐତିହ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଏବଂ ଐତିହ୍ୟ ତାଲିକାରେ ସ୍ଥାନିତ ହେବାକୁ ଥିବା ସ୍ଥାନଗୁଡ଼ିକ ସମ୍ପର୍କରେ ବିଚାର ବିମର୍ଶ କରାଯିବ । ଏଥିସହ ୧୨୪ଟି ତାଲିକାଭୁକ୍ତ ବିଶ୍ୱ ଐତିହ୍ୟ ସ୍ମାରକୀଗୁଡ଼ିକର ସଂରକ୍ଷଣ ରିପୋର୍ଟ, ଆନ୍ତର୍ଜାତିକ ସହାୟତା ଏବଂ ଐତିହ୍ୟ ପାଣ୍ଠିର ଉପଯୋଗ ଉପରେ ଆଲୋଚନା ହେବ ।

## ସେଣ୍ଟର - କେରଳ ନିପା

ନିପା ସଂକ୍ରମଣ ରୋକିବା ଲାଗି ଜନସ୍ୱାସ୍ଥ୍ୟ ଉପାୟଗୁଡ଼ିକୁ ତୁରନ୍ତ ଲାଗୁ କରିବା ଲାଗି କେନ୍ଦ୍ର ସରକାର କେରଳ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ।

କେରଳର ମଲ୍ଲପୁରମ୍ ଜିଲ୍ଲାର ନିପା ଭାଇରସ୍‌ରେ ସଂକ୍ରମିତ ୧୪ ବର୍ଷୀୟ କିଶୋରର ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଏକ ବହୁସଦସ୍ୟ ବିଶିଷ୍ଟ ଟିମ୍ କେରଳ ଗସ୍ତ କରିବ ବୋଲି ଜଣାପଡ଼ିଛି । ଏହି ଟିମ୍ ନିପା ସଂକ୍ରମଣର ଯାଞ୍ଚ୍ କରିବା ସହିତ ଏହାକୁ ରୋକିବା ଲାଗି ବିଭିନ୍ନ ପ୍ରକାରର ବୈଷୟିକ ସହାୟତା ପ୍ରଦାନ କରିବ । ମନ୍ତ୍ରଣାଳୟ କହିଛି, ୨୦୨୩ରେ କେରଳର କୋଝିକୋଡ଼େ ଜିଲ୍ଲାରେ ନିପା ସଂକ୍ରମଣ ଦେଖାଦେଇଥିଲା । ବାଦୁଡ଼ି ହେଉଛି ନିପା ଭୂତାଣୁର ପ୍ରମୁଖ ବାହକ । ବାଦୁଡ଼ି ଖାଇଥିବା ଫଳକୁ ଖାଇବାଦ୍ୱାରା ମଣିଷ ଦେହରେ ନିପା ଭୂତାଣୁ ସଂକ୍ରମଣ ବୃଦ୍ଧି ପାଇବାର ସମ୍ଭାବନା ଦେଖାଦେଇଥାଏ । ଏନେଇ କେନ୍ଦ୍ର ସରକାର ଗତ ୧୨ ଦିନ ମଧ୍ୟରେ କେରଳରେ ଏହି ଭୂତାଣୁରେ ସଂକ୍ରମିତ ଲୋକ ଏବଂ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କୁ ସଙ୍ଗରୋଧ ତଥା ସଂକ୍ରମଣ ସନ୍ଦେହ କରାଯାଉଥିବା ବ୍ୟକ୍ତିମାନଙ୍କୁ ଅଲଗା ରଖିବା ନେଇ ରାଜ୍ୟ ସରକାରକୁ ପରାମର୍ଶ ଦିଆଯାଇଛି ।

## ନେପାଳ ପି.ଏମ୍.

ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଆଜି ସଂସଦରେ ଆସ୍ଥା ଭୋଟ୍‌ରେ ବିଜୟୀ ହୋଇଛନ୍ତି । ୨୬୩ ଖଣ୍ଡ ଭୋଟ୍ ମଧ୍ୟରୁ ଶ୍ରୀ ଓଲି ୧୮୮

ଖଣ୍ଡ ଭୋଟ୍ ପାଇଥିବା ଜଣାପଡ଼ିଛି । ୭୨ ବର୍ଷୀୟ ବରିଷ୍ଠ କମ୍ୟୁନିଷ୍ଟ ନେତା ଶ୍ରୀ ଓଲି ଚଳିତ ଥର ପୂର୍ବ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ଦଳଠାରୁ ଅଲଗା ହୋଇ ନେପାଳୀ କଂଗ୍ରେସ ସହ ମେଣ୍ଟ କରିଛନ୍ତି । ସେ ଚତୁର୍ଥ ଥରପାଇଁ ନେପାଳର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଦିଲ୍ଲୀ - ପୁଲିସ୍ ସ୍ପେଶାଲ୍ ସେଲ୍

ଜାଲ୍ ନୋଟ୍ କାରବାର କରୁଥିବା ଏକ ଅନ୍ତର୍ଜାତୀୟ ର୍ୟାକେଟ୍‌ର ଦୁଇ ଜଣ ସଦସ୍ୟଙ୍କୁ ଆଜି ଦିଲ୍ଲୀ ପୁଲିସ୍‌ର ଏକ ସ୍ୱତନ୍ତ୍ର ସେଲ୍ ଗିରଫ କରିଛି । ସେମାନଙ୍କଠାରୁ ୨ ଲକ୍ଷ ୯୧ ହଜାର ଟଙ୍କାର ପାଞ୍ଚ ଶହଟଙ୍କିଆ ଜାଲ୍ ନୋଟ୍ ଜବତ କରାଯାଇଛି । ଏହାଛଡ଼ା ସେମାନଙ୍କ ନିକଟରୁ ପୁଲିସ୍ ସିମ୍‌କାର୍ଡ଼ ସହ ୫ଟି ମୋବାଇଲ୍ ଜବତ କରିଛି । ସୂଚନା ଅନୁଯାୟୀ, ଏହି ଅନ୍ତର୍ଜାତୀୟ ର୍ୟାକେଟ୍ ପଡ଼ୋଶୀ ଦେଶରୁ ଜାଲ୍ ନୋଟ୍ ବିହାର ଆଣିବା ପରେ ଦିଲ୍ଲୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ପହଞ୍ଚାଉଥିଲା ।

## ବାଂଲାଦେଶ - ସୁପ୍ରିମ୍‌କୋର୍ଟ

ବାଂଲାଦେଶରେ ସରକାରୀ ଚାକିରିରେ ବିବାଦୀୟ ସଂରକ୍ଷଣ ବ୍ୟବସ୍ଥା ନେଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ସୁପ୍ରିମ୍‌କୋର୍ଟ ଅବୈଧ ଘୋଷଣା

କରିଛନ୍ତି । ଆଜି ସେଠାକାର ସୁପ୍ରିମ୍‌କୋର୍ଟ ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା ଉପରେ ନିଷେଧାଦେଶ ଜାରି କରିଛନ୍ତି । ନ୍ୟାୟାଳୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନକୁ ଫେରିବା ଲାଗି ପରାମର୍ଶ ଦେଇଛନ୍ତି । ପୂର୍ବରୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରେ ଚଳିତ ମାସ ଆରମ୍ଭରୁ ବାଂଲାଦେଶରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନ୍ଦୋଳନ କରୁଥିଲେ । ପୁଲିସ୍ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୯୭୧ ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଯବାନମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ସରକାରୀ ଚାକିରିରେ ୩୦ ପ୍ରତିଶତ ପରିବର୍ତ୍ତେ କେବଳ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରିଆସୁଥିଲେ । ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ନେତୃତ୍ୱାଧୀନ ସରକାର ଏହି ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ କରିଥିଲେ । ପରେ ଉଚ୍ଚ ନ୍ୟାୟାଳୟ ସରକାରଙ୍କ ନିଷ୍ପତ୍ତିକୁ ଅବୈଧ ଘୋଷଣା କରିଥିଲେ । ଏହାକୁ ବିରୋଧ କରି ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା ।

## ପି.ଏମ୍. - ମ୍ୟାଥ୍ ଅଲମ୍ପିୟାଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ ଗଣିତ ଅଲିମ୍ପିୟାଡ୍‌ରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନସ୍ୱରୂପ ଚତୁର୍ଥ ସ୍ଥାନ ହାସଲ କରିଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ୪ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି । ସେ କହିଛନ୍ତି, ଏହି ବିଜୟଦ୍ୱାରା ଦେଶର ଯୁବପିଢ଼ି ପ୍ରେରଣା ପାଇବେ ଓ ଗଣିତକୁ ଅଧିକ ଲୋକପ୍ରିୟ କରିବା ଲାଗି ଆଗ୍ରହ ବୃଦ୍ଧି ପାଇବ ।

## ଫରେନ୍ ଇନ୍‌ଭେଷ୍ଟର୍ସ

ଭାରତୀୟ ପୁଞ୍ଜି ବଜାରର ସକାରାତ୍ମକ ଅଭିବୃଦ୍ଧି ପରେ ବିଦେଶୀ ନିବେଶକାରୀମାନେ ପୁଞ୍ଜି ବିନିଯୋଗ କରିବା ଆରମ୍ଭ କରିଛନ୍ତି । ଜୁଲାଇ ମାସର ପ୍ରଥମ ୩ ସପ୍ତାହ ମଧ୍ୟରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ୪୪ ହଜାର କୋଟିରୁ ଅଧିକ ଟଙ୍କା ବିନିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରେ ଏପର୍ଯ୍ୟନ୍ତ ୩୦ ହଜାର ୭୭୧ କୋଟି ଟଙ୍କା ଓ ଋଣ ବଜାର

୧୩ ହଜାର ୫୭୩ କୋଟି ଟଙ୍କା ବିନିଯୋଗ କରିଛନ୍ତି । ଚଳିତ ମାସରେ ଭାରତୀୟ ପୁଞ୍ଜି ବଜାରରେ ୪୪ ହଜାର ୩୪୫ କୋଟି ଟଙ୍କାର ନିବେଶ ହୋଇଥିବା ଜଣାପଡ଼ିଛି ।

## ଇଣ୍ଡିଆନ୍ ଷ୍ଟୁଡେଣ୍ଟ୍ସ୍ - ବି.ଏସ୍.ଏଫ୍.

ବାଂଲାଦେଶରେ ଶିକ୍ଷା ଗ୍ରହଣ କରୁଥିବା ୩୭୩ ଜଣ ଛାତ୍ରଛାତ୍ରୀ ଓ ନେପାଳର ୩ ଜଣ ବିଦ୍ୟାର୍ଥୀ ଦୁଇଟି ଚେକ୍‌ପୋଷ୍ଟ ଅତିକ୍ରମ କରିଥିବା ସୀମା ସୁରକ୍ଷା ବଳ - ବି.ଏସ୍.ଏଫ୍. କହିଛି । ବାଂଲାଦେଶରେ ଗତ କିଛିଦିନ ହେବ ସଂରକ୍ଷଣ ବିରୋଧୀ ହିଂସାତ୍ମକ ଆନ୍ଦୋଳନ ଏବଂ ଆଇନ ଶୃଙ୍ଖଳା ବ୍ୟବସ୍ଥା କାରଣରୁ ଛାତ୍ରଛାତ୍ରୀମାନେ ନିଜ ଦେଶକୁ ଫେରୁଛନ୍ତି । ଆଜି ଗଣମାଧ୍ୟମକୁ ସୂଚନା ଦେଇ ତ୍ରିପୁରା ଫ୍ରଣ୍ଟିୟର୍'ର ମହାନିରୀକ୍ଷକ ପଟେଲ୍ ପୀୟୁଷ ପୁରୁଷୋତ୍ତମ ଦାସ କହିଛନ୍ତି, ପ୍ରାୟ ୩୦୦ ଛାତ୍ରଛାତ୍ରୀ ସୋନାମୁରା ଜିଲ୍ଲାର ଶ୍ରୀମନ୍ତପୁର ଚେକ୍‌ପୋଷ୍ଟରୁ ଫେରିଛନ୍ତି । ୭୬ ଜଣ ଅଖୌରା ଚେକ୍‌ପୋଷ୍ଟରୁ ଫେରିଥିବା ସେ କହିଛନ୍ତି । ସେ କହିଛନ୍ତି, ୩୦୦ ଛାତ୍ରଙ୍କୁ ନେଇ ଆଉ ଏକ ଦଳ ଆଜି ଦେଶକୁ ଫେରିଛି । ବାଂଲାଦେଶରେ ବହୁସଂଖ୍ୟାରେ ଭାରତୀୟ ଛାତ୍ରଛାତ୍ରୀ ମେଡିକାଲ୍ ଶିକ୍ଷା ଗ୍ରହଣ କରୁଛନ୍ତି ।

## ବମ୍ବେ ହାଇକୋର୍ଟ

ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ 'ଡିପ୍‌ଫେକ୍' ଭିଡ଼ିଓ ଘଟଣାରେ ତୁରନ୍ତ ପଦକ୍ଷେପ ନେବାକୁ ବମ୍ବେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ଆର୍.ଆଇ. ଛାଗଲାଙ୍କ ଏକକ ଖଣ୍ଡପୀଠ ଏନ୍.ଏସ୍.ଇ. ଟ୍ରେଡ୍‌ମାର୍କର ଉଲ୍ଲଙ୍ଘନ କରିଥିବା ସମସ୍ତ ଆକାଉଣ୍ଟ୍‌କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡ଼ା ଏ ସମ୍ପର୍କିତ ସମସ୍ତ ତଥ୍ୟ ଆସନ୍ତା ୩ ସପ୍ତାହ ମଧ୍ୟରେ କୋର୍ଟକୁ ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୯ ତାରିଖରେ ହେବ ।

## ଜାପାନ - ବ୍ୟାଙ୍କ୍‌ରୁପ୍ସୀ

ଚଳିତ ବର୍ଷର ପ୍ରଥମାର୍ଦ୍ଧର ଆକଳନ ଅନୁଯାୟୀ ଜାପାନରେ ୨୨ ପ୍ରତିଶତ କମ୍ପାନୀ ଦେବାଳିଆ ହୋଇଛନ୍ତି । ସୂଚନା ଅନୁଯାୟୀ, ଦରଦାମ୍ ବୃଦ୍ଧି, ଶ୍ରମିକ ଅଭାବ ଏବଂ ଆର୍ଥିକ ସହଯୋଗ ହ୍ରାସ ପାଇବା ଏହାର ପ୍ରମୁଖ କାରଣ ବୋଲି କୁହାଯାଇଛି । ଏକ ଋଣ ପରିଶୋଧ କମ୍ପାନୀଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ, ଚଳିତ ବର୍ଷ ଜାନୁୟାରୀରୁ ଜୁନ୍ ମାସ

ମଧ୍ୟରେ ୪ ହଜାର ୮୮୭ଟି କମ୍ପାନୀ ଦେବାଳିଆ ହୋଇଛନ୍ତି । ୨୦୦୪ ମସିହା ପରଠାରୁ ଦେବାଳିଆ ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଏହା ସର୍ବାଧିକ । ଗତ ୬ ମାସ ମଧ୍ୟରେ ଜାପାନର ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ସର୍ବାଧିକ ପ୍ରଭାବିତ ହୋଇଛି ।

## ୱିମେନ୍ସ୍ କ୍ରିକେଟ୍

ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ଆଜିର ମ୍ୟାଚ୍‌ରେ ଭାରତ ୭୮ ରନ୍‌ରେ ସଂଯୁକ୍ତ ଆରବ ଏମିରେଟ୍ସ୍‌କୁ ପରାସ୍ତ କରିଛି । ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ସଂଯୁକ୍ତ ଆରବ ଏମିରେଟ୍ସ୍ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୦୧ ରନ୍ ସ୍କୋର୍ କରିଥିଲା । ଅଧିନାୟିକା ହର୍ମନ୍ ପ୍ରୀତ୍ ୬୬ ରନ୍ ସ୍କୋର କରିଥିବାବେଳେ ରିଚା ଘୋଷ୍ ୬୪ ରନ୍ କରିଥିଲେ । ୨୦୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସଂଯୁକ୍ତ ଆରବ ଏମିରେଟ୍ସ ୨୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୧୨୩ ରନ୍ ସ୍କୋର୍ କରିବାକୁ ସକ୍ଷମ ହୋଇଥିଲା । ଏହି ବିଜୟ ସହିତ ୨ଟିଯାକ ମ୍ୟାଚ୍ ଜିତି ଭାରତ ୪ ପଏଣ୍ଟ ହାସଲ କରିଛି ।

ଅନ୍ୟ ଏକ ମ୍ୟାଚ୍ ନେପାଳ ଓ ପାକିସ୍ତାନ ମଧ୍ୟରେ ଜାରି ରହିଛି । ପାକିସ୍ତାନ ଟସ୍ ଜିତି ନେପାଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି ।

*****